# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧

ଇ-ମେଲ୍ : dhenkanalm.hud@gmail.com

ପତ୍ର ସଂଖ୍ୟା- ୬୩୪ ତା.୧୯।୦୨।୨୪ରିଖ

## ଅଭିବ୍ୟକ୍ତି ପ୍ରକାଶନ *(EXPRESSION OF INTEREST)*

ଏତଦ୍ଦ୍ୱାରା ଢ଼େଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ନିମ୍ନ ଲିଖିତ ୦୪ ଗୋଟି ପୋଖରୀର ଉନ୍ନତିକରଣ ନିମନ୍ତେ ସଂପୃକ୍ତ କିମ୍ବା ପାଖ ୱାର୍ଡ ଗୁଡ଼ିକରେ ଥିବା ଇଚ୍ଛୁକ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବାର ନିଷ୍ପତ୍ତି ନିଆଯାଇଅଛି। ଏଣୁ ଏହି ପୋଖରୀ ଗୁଡ଼ିକର ଉନ୍ନତିକରଣ ନିମନ୍ତେ ସଂପୃକ୍ତ ୱାର୍ଡର ମିଶନଶକ୍ତି ଗ୍ରୁପ ମାନଙ୍କର ଆବଶ୍ୟକତା ରହିଅଛି। ଏଥି ନିମନ୍ତେ ନିମ୍ନ ଲିଖିତ ଯୋଗ୍ୟତା ଥିବା ମିଶନ ଶକ୍ତି ଗ୍ରୁପ୍ ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଆବଶ୍ୟକୀୟ କାଗଜାତ ସହିତ ତା ୦୩।୦୨।୨୦୨୪ ରିଖ ଠାରୁ ତା ୧୦।୦୨।୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବା ହେବେ। ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

ଆହୁରି ମଧ୍ୟ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇଁ ଦିଆଯାଉଅଛିକି, ଆବଶ୍ୟକୀୟ ଭିନ୍ନ ଭିନ୍ନ ମିଶନ ଶକ୍ତି ଗୋଷ୍ଠୀଙ୍କୁ ପୌରପାଳିକା ଦ୍ୱାରା ଚୟନ କରାଯାଇ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ କାର୍ଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରାଯିବ। ସମସ୍ତ ଗ୍ରୁପ୍ କାର୍ଯ୍ୟ ପାଇବା ଏବଂ ନପାଇବାର ସମ୍ଭାବନା ଉକ୍ତ ପ୍ରକଳ୍ପର ଅଟକଳ ଉପରେ ନିର୍ଭର କରାଯିବ। ଯାହାର ଡ଼ି.ପି.ଆର. ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଅଛି। ଯଦି କୌଣସି ଗ୍ରୁପ କାର୍ଯ୍ୟାଦେଶ ପାଇବାରୁ ବଞ୍ଚିତ ହେବେ ତେବେ, ଏଥି ନିମନ୍ତେ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କିମ୍ବା କୌଣସି ଗ୍ରୁପ୍ ଏଥି ନିମନ୍ତେ ପୌରପାଳିକା ନିକଟରେ ଦାବୀ କରିପାରିବେ ନାହିଁ।

| ଜଳାଶୟ ଗୁଡ଼ିକର ନାମ | ଆବଶ୍ୟକୀୟ ମିଶନଶକ୍ତି ଗ୍ରୁପଙ୍କ ସଂଖ୍ୟା |
|---|---|
| ୧. ଦଣ୍ଡାସର ପୋଖରୀ, ୱାର୍ଡ ନଂ. ୦୮ | - ୦୫ |
| ୨. ସରଜଙ୍ଗ ସାହି ପୋଖରୀ, ୱାର୍ଡ ନଂ. ୧୦ | - ୦୪ |
| ୩. ପଚ୍ଛିବନ୍ଧ ପୋଖରୀ, ୱାର୍ଡ ନଂ. ୧୦ | - ୦୫ |
| ୪. ଜାଉଁଳୀ ପୋଖରୀ, ୱାର୍ଡ ନଂ. ୦୬ ଓ ୦୭ | - ୦୮ |

## ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ

୧. ମିଶନ ଶକ୍ତି ଗ୍ରୁପ୍ ୱାର୍ଡ ନଂ. ୦୬,୦୭,୦୮ ଓ ୧୦ ୱାର୍ଡ ଗୁଡ଼ିକ କିମ୍ବା ତାହାର ପାଖ ୱାର୍ଡ ଗୁଡ଼ିକର ଗୃହ ଓ ନଗର ଉନ୍ନୟନ ବିଭାଗ / ମିଶନ ଶକ୍ତି ବିଭାଗଙ୍କ ଦ୍ୱାରା ପଞ୍ଜିକୃତ ଗ୍ରୁପ ହୋଇଥିବେ ।

୨. ଉକ୍ତ ଗ୍ରୁପ ପଞ୍ଚସୂତ୍ର ଅନୁକରଣ କରୁଥିବେ ।

୩. ଉକ୍ତ ଗ୍ରୁପ ଅଭିବ୍ୟକ୍ତି ପ୍ରକାଶନର ଧାର୍ଯ୍ୟ ତାରିଖ ତିନି ବର୍ଷ ପୂର୍ବରୁ ଗଠିତ ହୋଇଥିବେ । ଉକ୍ତ ଗ୍ରୁପ ସର୍ବନିମ୍ନ ତିନି ବର୍ଷ ଧରି ଅର୍ଥ ଉପାର୍ଜନକାରୀ କାର୍ଯ୍ୟସହ ସଂଶ୍ଳିଷ୍ଟ ଥିବେ ଓ ବାର୍ଷିକ ସର୍ବନିମ୍ନ ଆୟ ୨.୦ ଲକ୍ଷ (ଗତ ତିନିବର୍ଷ ଧରି ହୋଇଥିବ) ।

୪. ଉକ୍ତ ମିଶନ ଶକ୍ତି ଗ୍ରୁପଙ୍କ ବ୍ୟାଙ୍କ ଆକାଉଣ୍ଟ କ୍ରିୟାଶୀଳ ହୋଇଥିବା ଆବଶ୍ୟକ ।

୫. ଉକ୍ତ ମିଶନ ଶକ୍ତି ଗ୍ରୁପଙ୍କ ନାମରେ ପ୍ୟାନ କାର୍ଡ ହୋଇଥିବା ଆବଶ୍ୟକ ।

୬. ଉକ୍ତ ମିଶନ ଶକ୍ତି ଗ୍ରୁପ ବ୍ୟାଙ୍କ ଋଣ ପ୍ରଦାନରେ ଖିଲାପକାରୀ କିମ୍ବା ଅନ୍ୟ କୌଣସି ସଂସ୍ଥାରୁ ଲୋନ୍/ଋଣ ଖିଲାପକାରୀ ହୋଇନଥିବେ ।

୭. ଉକ୍ତ ଗ୍ରୁପର ସଦସ୍ୟମାନେ କୌଣସି ଅସାମାଜିକ ଓ ଅପରାଧିକ ମାମଲା ସହ ଜଡ଼ିତ ନଥିବେ ।

**ବି.ଦ୍ର.- ଯେ କୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି EXPRESSION OF INTEREST କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି ।**

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା ...୪୩୨.../ତା...୦୫।୨।୨୪...ରିଖ

ଏହାର ଏକକିତା ନକଲ ସି.ଓ/ସି.ଏମ୍.ଏମ୍ (ଏନ୍.ୟୁ.ଏଲ୍.ଏମ୍ ବିଭାଗ) ଢେଙ୍କାନାଳଙ୍କ ପୌରପାଳିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହିତ ନଗର ସ୍ତରୀୟ ମହାସଂଘ ଏବଂ ସ୍ଥାନୀୟ ଆଞ୍ଚଳିକ ମହାସଂଘକୁ ଉକ୍ତ <u>**ଅଭିବ୍ୟକ୍ତି ପ୍ରକାଶନ *(EXPRESSION OF INTEREST)***</u> ସଂପ୍ରସାରିତ କରିବା ସହିତ ଯୋଗାଯୋଗ କରି ଉପରଲିଖିତ ୱାର୍ଡ ମାନଙ୍କରୁ ଏସ୍.ଏଚ୍.ଜି ଗ୍ରୁପ ମାନେ କିପରି ପୌର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିପାରିବେ ସେଥି ନିମନ୍ତେ ଆଦେଶ ପ୍ରଦାନ କରାଯିବା ସହିତ ପୌର କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗା ଯିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା ...୪୩୩.../ତା...୦୫।୨।୨୪...ରିଖ

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଏବଂ ପ୍ରକଳ୍ପ ଅଧିକାରୀ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ପି.ଡ଼ି.ଡୁଡ଼ା) ଢେଙ୍କାନାଳ ଏବଂ ଜିଲ୍ଲାପାଳ-ତଥା-ଜିଲ୍ଲା ମାଜିଷ୍ଟ୍ରେଟ୍ ଢେଙ୍କାନାଳଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା......୨୩୮..........ତା....୧୫/୨/୨୪...ରିଖ

ଏହାର ଏକକିତା ନକଲ ଉପ-ସଚିବ, ଓଡ଼ିଶା ସରକାର, ଭୁବନେଶ୍ୱର ସୂଚନା ଏବଂ ପ୍ରସାରଣ ବିଭାଗ ବିଜ୍ଞାପନ ପରିଗ୍ରହକ ଙ୍କୁ ଦିଆଯାଇ ଅନୁରୋଧ କରାଗଲାକି ଯେ, ଉକ୍ତ ବିଜ୍ଞାପନଟିକୁ ତାଙ୍କର ସିମୀତ ସ୍ଥାନ ମଧ୍ୟରେ ଦୁଇଗୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଦିନ ପାଇଁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ହେବେ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା